# NATIONAL NEWS BULLETIN (ODIA)
## 21st February - 2025
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ୯୮ତମ ଅଖିଳ ଭାରତୀୟ ମରାଠୀ ସାହିତ୍ୟ ସମ୍ମିଳନୀକୁ ଆଜି ନୂଆଦିଲ୍ଲୀରେ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ ।
- ପ୍ରତିଦ୍ୱନ୍ଦ୍ୱିତା ବଦଳରେ ସହଯୋଗ ଉପରେ ପ୍ରାଥମିକତା ଦେଇ ଜି-୨୦ କାର୍ଯ୍ୟ କରିବା ଉଚିତ ବୋଲି କହିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।
- ଭାରତରେ ଅଧ୍ୟୟନରତ ଆନ୍ତର୍ଜାତିକ ଶିକ୍ଷାର୍ଥୀଙ୍କର ସୁରକ୍ଷା ଓ ନିରାପତ୍ତା ଉପରେ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି କେନ୍ଦ୍ର ସରକାର ।

ଏବଂ

- ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ଆଜିକାର ମ୍ୟାଚ୍‌ରେ ଆଫଗାନିସ୍ତାନ ସମ୍ମୁଖରେ ୩୧୬ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି ଦକ୍ଷିଣ ଆଫ୍ରିକା ।

# ପି.ଏମ୍. - ମରାଠୀ ସାହିତ୍ୟ ସମ୍ମିଳନୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ବିଜ୍ଞାନଭବନଠରେ ୯୮ତମ ଅଖିଳ ଭାରତୀୟ ମରାଠୀ ସାହିତ୍ୟ ସମ୍ମିଳନୀକୁ ଉଦ୍‌ଘାଟନ କରିଛନ୍ତି । ତିନି ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ଆଲୋଚନାଚକ୍ର, ବୈଠକ, ପୁସ୍ତକ ପ୍ରଦର୍ଶନୀ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିର ଆୟୋଜନ କରାଯାଇଛି । ଏହାଛଡ଼ା ଭାଷା ସଂରକ୍ଷଣ, ଅନୁବାଦ, ସାହିତ୍ୟ କୃତି ଆଦିର କମ୍ପ୍ୟୁଟରୀକରଣ ଉପରେ ଏହି ସମ୍ମିଳନୀରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ନିକଟରେ ମରାଠୀ ଭାଷାକୁ ସରକାରଙ୍କ ପକ୍ଷରୁ ଶାସ୍ତ୍ରୀୟ ଭାଷାରେ ମାନ୍ୟତା ପ୍ରଦାନ କରାଯାଇଛି । ୭୧ ବର୍ଷ ପରେ ନୂଆଦିଲ୍ଲୀରେ ଆୟୋଜିତ ହେଉଥିବା ଏହି ସମାବେଶ ପରିପ୍ରେକ୍ଷୀରେ ପୁଣେରୁ ଦିଲ୍ଲୀ ପର୍ଯ୍ୟନ୍ତ ଏକ ପ୍ରତୀକାତ୍ମକ ସାହିତ୍ୟ ଟ୍ରେନ୍ ଯାତ୍ରା ଅନ୍ତର୍ଭୁକ୍ତ ରହିଛି । ୧ ହଜାର ୨୦୦ ପ୍ରତିଯୋଗୀ ସାହିତ୍ୟର ଏକତା ଭାବନାକୁ ଏଥିରେ ପ୍ରଦର୍ଶନ କରୁଛନ୍ତି । ଏହି ସମ୍ମିଳନୀ ଅବସରରେ ୨ହଜାର ୬୦୦ରୁ ଅଧିକ କବିତା ସଂକଳନର ଉପସ୍ଥାପନା, ୫୦ଟି ପୁସ୍ତକ ଉନ୍ମୋଚନ ହେବାର କାର୍ଯ୍ୟସୂଚୀ ରହିଛି । ସେହିଭଳି ଏଥିରେ ୧୦୦ଟି ପୁସ୍ତକ ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇଛି ।

# ଜୟଶଙ୍କର - ଜି-୨୦ ସେସନ୍

ବିଭିନ୍ନ ବୈଶ୍ୱିକ ସମସ୍ୟାର ସମାଧାନ ଦିଗରେ ଜି-୨୦ ମଞ୍ଚ ନେତୃତ୍ୱ ନେବା ଉପରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗୁରୁତ୍ୱାରୋପ କରିଛନ୍ତି । ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗଠାରେ ୨୦୨୫ ଲାଗି ଜି-୨୦ର କାର୍ଯ୍ୟଧାରା ସମ୍ପର୍କିତ ବୈଦେଶିକ ମନ୍ତ୍ରୀସ୍ତରୀୟ ବୈଠକରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଡକ୍ଟର ଜୟଶଙ୍କର କହିଛନ୍ତି, ଖାଦ୍ୟ, ଶକ୍ତି, ସ୍ୱାସ୍ଥ୍ୟ ସୁରକ୍ଷା, ଡିଜିଟାଲ୍ ଭିତ୍ତିଭୂମି ପ୍ରତିଷ୍ଠା ଭଳି ଆହ୍ୱାନଗୁଡ଼ିକର ସଫଳତାର ସହ ମୁକାବିଲା କରିବା ଲାଗି ଜି-୨୦ ପ୍ରଚେଷ୍ଟା କରିବା ଉଚିତ । ଏଥିସହିତ ମହିଳା ନେତୃତ୍ୱ ବିକାଶକୁ ଏହି ମଞ୍ଚ ପ୍ରୋତ୍ସାହନ ଦେବା ଉପରେ ସେ ଜୋର୍ ଦେଇଛନ୍ତି । ଡକ୍ଟର ଜୟଶଙ୍କର କହିଛନ୍ତି, ପ୍ରତିଦ୍ୱନ୍ଦ୍ୱିତା ବଦଳରେ ସହଯୋଗ ଉପରେ ଜି-୨୦ ପ୍ରାଥମିକତା ଦେଇ କାର୍ଯ୍ୟ କରିବା ଉଚିତ । ସେହିଭଳି ଆନ୍ତର୍ଜାତିକ ସ୍ତରର ବିପର୍ଯ୍ୟୟ ମୁକାବିଲା ଉପରେ ନିଜର ମତ ରଖି ସେ କହିଛନ୍ତି, ଜରୁରୀକାଳୀନ ସହାୟତା, ଉଦ୍ଧାର, ପୁନଃନିର୍ମାଣ ତଥା ପ୍ରସ୍ତୁତି ସମ୍ପର୍କିତ ଏକ ସଶକ୍ତ ବ୍ୟବସ୍ଥାକୁ ଭାରତ ସର୍ବଦା ସମର୍ଥନ ଦେଇଆସିଛି । ୨୦୧୯ ମସିହାରେ ବିପର୍ଯ୍ୟୟ ସ୍ଥାୟୀ ଭିତ୍ତିଭୂମି ଲାଗି ସହଯୋଗ ଦିଗରେ ଭାରତ ବିଶ୍ୱସ୍ତରରେ ପଦକ୍ଷେପ ନେବା ଆରମ୍ଭ କରିଥିଲା । ବର୍ତ୍ତମାନ ସୁଦ୍ଧା ଏହି ଅଭିଯାନରେ ୪୨ଟି ଦେଶ ଏବଂ ୭ଟି ସଂସ୍ଥା ସଦସ୍ୟ ଭାବେ ସାମିଲ୍ ହୋଇଛନ୍ତି । ସ୍ଥାୟୀ ଅର୍ଥବ୍ୟବସ୍ଥା ଓ ବିକାଶ

ମଧ୍ୟରେ ସମନ୍ୱୟ ବଜାୟ ରଖି ଏକ ସମନ୍ୱିତ ବ୍ୟବସ୍ଥା କାର୍ଯ୍ୟ କରିବା ଉପରେ ଭାରତ ପ୍ରାଥମିକତା ଦିଏ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି । ଆନ୍ତର୍ଜାତିକ ସୌରମେଣ୍ଟ ଗଠନଦ୍ୱାରା ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ବୈଶ୍ୱିକ ସହଯୋଗ ଦିଗରେ ଭାରତର ପ୍ରତିଶ୍ରୁତିବଦ୍ଧତା ପ୍ରତିଫଳିତ ହୁଏ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।

## ଜୟଶଙ୍କର - ଚାଇନୀଜ୍ ଏଫ୍.ଏମ୍.

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ତାଙ୍କର ଚୀନ୍ ପ୍ରତିପକ୍ଷ ୱାଙ୍ଗ୍ ୟି'ଙ୍କ ସହିତ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗଠାରେ ଦ୍ୱିପକ୍ଷୀୟ ଆଲୋଚନା କରିଛନ୍ତି । ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟଶ୍ୱାଲ୍ ଆଜି ନୂଆଦିଲ୍ଲୀରେ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଜୋହାନ୍ସବର୍ଗଠାରେ ଜି-୨୦ ବୈଦେଶିକ ମନ୍ତ୍ରୀ ବୈଠକ ଅବସରରେ ଏହି ସାକ୍ଷାତ୍ ଆଲୋଚନା ହୋଇଛି । ବିଶେଷକରି ଦୁଇ ଦେଶର ସୀମାବର୍ତ୍ତୀ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ସହ ଦ୍ୱିପକ୍ଷୀୟ ସମ୍ପର୍କର ଅଗ୍ରଗତି ପ୍ରସଙ୍ଗରେ ଆଲୋଚନା କରାଯାଇଛି । ଏତଦ୍‌ବ୍ୟତୀତ କୈଳାସ ମାନସରୋବର ଯାତ୍ରା ସିଧାସଳଖ ବିମାନ ଉଡ଼ାଣ ସଂଯୋଗୀକରଣ ଏବଂ ଯାତ୍ରା ସୁବିଧା ଆଦି ସମ୍ପର୍କରେ ଦୁଇ ଦେଶର ବୈଦେଶିକ ମନ୍ତ୍ରୀ ମତ ବିନିମୟ କରିଛନ୍ତି ।

ବୈଠକରେ ଭାଗ ନେଇ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଜୟଶଙ୍କର କହିଛନ୍ତି, ଜି-୨୦କୁ ଅଧିକ ସୁରକ୍ଷିତ ତଥା ଏକ ସମୟୋପଯୋଗୀ ମଞ୍ଚ ଭାବେ ଗଢ଼ିତୋଳିବା ଦିଗରେ ଉଭୟ ଭାରତ ଓ ଚୀନ୍ କଠିନ ପରିଶ୍ରମ କରିଛନ୍ତି । ଆନ୍ତର୍ଜାତିକ ସ୍ତରରେ ସହଯୋଗ ବୃଦ୍ଧି ଦିଗରେ ଏହା ସହାୟକ ହୋଇପାରିଛି । ଡକ୍ଟର ଜୟଶଙ୍କର କହିଛନ୍ତି, ଭାରତ ଏବଂ ଚୀନ୍ ଜି-୨୦, ବ୍ରିକ୍ସ, ସାଙ୍ଘାଇ ସହଯୋଗ ସଙ୍ଗଠନର ସଦସ୍ୟ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି । ଦୁଇ ଦେଶର ଆପୋଷ ସ୍ୱାର୍ଥଜଡ଼ିତ ଅନେକ ପ୍ରସଙ୍ଗ ସମେତ ବିଭିନ୍ନ ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ସମସ୍ୟା ଉପରେ ଏହି ବୈଠକରେ ଡକ୍ଟର ଜୟଶଙ୍କର ଆଲୋକପାତ କରିଛନ୍ତି ।

## ଏମ୍.ଇ.ଏ. - ବ୍ରିଫିଙ୍ଗ୍

ଭାରତରେ ଅଧ୍ୟୟନରତ ଆନ୍ତର୍ଜାତିକ ଶିକ୍ଷାର୍ଥୀମାନଙ୍କର ସୁରକ୍ଷା, ନିରାପତ୍ତା ତଥା ସାମଗ୍ରିକ କଲ୍ୟାଣ ଦିଗରେ କେନ୍ଦ୍ର ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି ବୋଲି ବୈଦେଶିକ ମନ୍ତ୍ରଣାଳୟ କହିଛି । ଆଜି ନୂଆଦିଲ୍ଲୀରେ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟଶ୍ୱାଲ ଗଣମାଧ୍ୟମକୁ ଓଡ଼ିଶାର ଏକ ଘରୋଇ ବିଶ୍ୱବିଦ୍ୟାଳୟ 'କିଟ୍'ରେ ନେପାଳ ଛାତ୍ରୀ ଆତ୍ମହତ୍ୟା ମାମଲା ସମ୍ପର୍କରେ ସୂଚନା ଦେଇ ଏହା କହିଛନ୍ତି । ଶ୍ରୀ ଜୟଶ୍ୱାଲ୍ ଏହି ଘଟଣାକୁ ଦୁର୍ଭାଗ୍ୟଜନକ ବୋଲି କହିବା ସହ ଏହି ମାମଲାରେ କେନ୍ଦ୍ର ସରକାର' ନେପାଳ ସରକାର, ଓଡ଼ିଶା ସରକାର ଏବଂ କିଟ୍ କର୍ତ୍ତୃପକ୍ଷଙ୍କ

ସହିତ ନିୟମିତ ଯୋଗାଯୋଗରେ ଅଛନ୍ତି ବୋଲି କହିଛନ୍ତି । ଇତିମଧ୍ୟରେ ରାଜ୍ୟ ସରକାର ମାମଲାର ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରିବା ଲାଗି ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରିଛନ୍ତି । କମିଟି ମଧ୍ୟ ଏହାର କାର୍ଯ୍ୟ ଆରମ୍ଭ କରିସାରିଥିବା ସୂଚନା ମିଳିଛି । ଏହି ମାମଲାରେ ଓଡ଼ିଶା ପୁଲିସ ମୁଖ୍ୟ ଅଭିଯୁକ୍ତ ସମେତ ଅନ୍ୟ କେତେକ ବ୍ୟକ୍ତିଙ୍କୁ ଗିରଫ କରି ସେମାନଙ୍କ ବିରୋଧରେ ମାମଲା ରୁଜୁ କରିଛି ବୋଲି ଶ୍ରୀ ଜୟଶ୍ୱାଲ୍ କହିଛନ୍ତି ।

***Voice :..........***

ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ୍ ଟ୍ରମ୍ପ୍‌ଙ୍କର ଆମେରିକା ଅନୁଦାନ ଯୋଗାଣ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଜୟଶ୍ୱାଲ୍ କହିଛନ୍ତି, ସମ୍ପୃକ୍ତ ବିଭାଗ ଏବଂ ସଂସ୍ଥା ଅନୁସନ୍ଧାନ କରୁଛନ୍ତି ।

ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଜୟଶ୍ୱାଲ୍ କହିଛନ୍ତି, ଆମେରିକାରେ ବେଆଇନ ଭାବେ ରହୁଥିବା ଭାରତୀୟଙ୍କୁ ସ୍ଥାନୀୟ ବିମାନ ଯୋଗେ ପାନାମା ଓ କୋଷ୍ଟାରିକାକୁ ନିଆଯାଇଥିବା ସମ୍ପର୍କରେ ଭାରତ ସରକାର ସେଠାକାର ପ୍ରଶାସନ ସହିତ ଯୋଗାଯୋଗରେ ଅଛନ୍ତି । ଆମେରିକାରୁ ସେଠାକୁ ଫେରିଥିବା ବ୍ୟକ୍ତିମାନେ ଭାରତୀୟ କି ନୁହେଁ, ସେ ସମ୍ପର୍କରେ ଯାଞ୍ଚ୍ କରାଯାଉଛି । ଏହାପରେ ଭାରତୀୟମାନଙ୍କୁ ସେଠାରୁ ସ୍ୱଦେଶ ଅଣାଯିବାର ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ଜୟଶ୍ୱାଲ କହିଛନ୍ତି ।

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୩ ତାରିଖ  ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ତାଙ୍କର ମାସିକ ରେଡିଓ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୧୯ତମ ସଂସ୍କରଣ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏୟାର ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

# ଶାହା - ୱେଷ୍ଟର୍ଣ୍ଣ କାଉନ୍‌ସିଲ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତାକାଲି ମହାରାଷ୍ଟ୍ରର ପୁଣେଠାରେ ୨୭ତମ ପଶ୍ଚିମାଞ୍ଚଳ କ୍ଷେତ୍ରୀୟ ପରିଷଦ ବୈଠକରେ  ଅଧ୍ୟକ୍ଷତା କରିବେ । ଏହି ପରିଷଦରେ ଗୁଜରାଟ, ଗୋଆ, ମହାରାଷ୍ଟ୍ର, କେନ୍ଦ୍ରଶାସିତ ଅଞ୍ଚଳ ଦାଦ୍ରା ଓ ନଗର ହାବେଲୀ ଏବଂ ଡାମନ ଓ ଡିୟୁ ରହିଛନ୍ତି । କ୍ଷେତ୍ରୀୟ ସ୍ତରରେ

ମୌଳିକଢାଞ୍ଚା, ଖଣି, ପରିବେଶ, ଜଙ୍ଗଲ, ଖାଦ୍ୟ ନିରାପତ୍ତା ଆଦି ପ୍ରସଙ୍ଗରେ ଏହି ବୈଠକରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ।

## କୃଷିବିଜ୍ଞାନ ମେଳା

ନୂଆଦିଲ୍ଲୀରେ ଆସନ୍ତାକାଲି 'ପୁଷା କୃଷି ବିଜ୍ଞାନ ମେଳା-୨୦୨୫' ଆୟୋଜିତ ହେବ । କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଏହି ମେଳାକୁ ଉଦ୍‌ଘାଟନ କରିବେ । "ଉନ୍ନତ କୃଷି : ବିକଶିତ ଭାରତ" ବିଷୟବସ୍ତୁ ଆଧାରିତ ଏହି ମେଳା ତିନି ଦିନ ଧରି ଚାଲିବ । ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନର ନୂତନ ଜ୍ଞାନକୌଶଳଦ୍ୱାରା ବିକଶିତ ବିଭିନ୍ନ କିସମର ଉଦ୍ଭିଦ ଏହି ମେଳାରେ ପ୍ରଦର୍ଶିତ ହେବ । ମେଳାରେ କୃଷି ବିଜ୍ଞାନ କେନ୍ଦ୍ର, କୃଷକ ଉତ୍ପାଦ ସଙ୍ଗଠନ, ଉଦ୍ୟୋଗୀ ଓ ବିଭିନ୍ନ ଷ୍ଟାର୍ଟଅପ୍ ସଂସ୍ଥା ପକ୍ଷରୁ ବିଭିନ୍ନ ଉତ୍ପାଦ ଓ କୃଷି ସମ୍ବନ୍ଧୀୟ ଜ୍ଞାନକୌଶଳ ପ୍ରଦର୍ଶିତ ହେବ ।

## ଏସ୍.ସି. - ଆପଏଣ୍ଟମେଣ୍ଟସ୍

ସୁପ୍ରିମ୍‌କୋର୍ଟ କଲିଜିୟମ୍ ବମ୍ବେ ହାଇକୋର୍ଟରେ ୩ ଜଣ ଅତିରିକ୍ତ ବିଚାରପତିଙ୍କୁ ସ୍ଥାୟୀ ବିଚାରପତି ନିଯୁକ୍ତି କରାଯିବା ପ୍ରସ୍ତାବକୁ ଅନୁମୋଦନ

କରିଛନ୍ତି । ପ୍ରଧାନ ବିଚାରପତି ସଞ୍ଜୀବ୍ ଖାନ୍ନାଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ କଲିଜିୟମ୍ ବୈଠକରେ ବିଚାରପତି ଶୈଳେଶ ପ୍ରମୋଦ ବ୍ରାହ୍ମେ, ଫିର୍ଦ୍ଦୋଶ ଫିରୋଜ ପୂନିୱାଲା ଏବଂ ଜିତେନ୍ଦ୍ର ଶାନ୍ତିଲାଲ୍ ଜୈନଙ୍କୁ ସ୍ଥାୟୀ ବିଚାରପତି କରିବାପାଇଁ ଅନୁମୋଦନ କରାଯାଇଛି । ଏହାବ୍ୟତୀତ ବମ୍ବେ ହାଇକୋର୍ଟର ଅତିରିକ୍ତ ବିଚାରପତି ଜଷ୍ଟିସ୍ ମଞ୍ଜୁଷା ଅଜୟ ଦେଶପାଣ୍ଡେଙ୍କ କାର୍ଯ୍ୟକାଳକୁ ଏକ ବର୍ଷ ପାଇଁ ବୃଦ୍ଧି କରିବା ପ୍ରସ୍ତାବକୁ କଲିଜିୟମ୍ ମଞ୍ଜୁରି ଦେଇଛନ୍ତି । ସେହିଭଳି ମାଡ୍ରାସ୍ ହାଇକୋର୍ଟର ୫ ଜଣ ଅତିରିକ୍ତ ବିଚାରପତିଙ୍କୁ ସ୍ଥାୟୀ ବିଚାରପତି କରାଯିବା ପ୍ରସ୍ତାବକୁ ମଧ୍ୟ ଅନୁମୋଦନ କରାଯାଇଛି ।

## ଶିବରାଜ - ପି.ଏମ୍. କିଷାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ସୋମବାର ଦିନ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନାର ୧୯ତମ କିସ୍ତି ବାବଦ ଅର୍ଥ ପ୍ରଦାନ କରିବେ । ଆଜି ନୂଆଦିଲ୍ଲୀରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ସୋମବାର ଦିନ ବିହାରର ଭାଗଲପୁରଠାରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ସମାରୋହରେ ପ୍ରଧାନମନ୍ତ୍ରୀ 'ପି.ଏମ୍. କିଷାନ୍' ଯୋଜନାର ଏହି କିସ୍ତି ପ୍ରଦାନ କରିବେ । ୨ କୋଟି ୫୦ ଲକ୍ଷ ଚାଷୀ ଦେଶର ବିଭିନ୍ନ

ସ୍ଥାନରୁ ଏହି ସମାରୋହରେ ବ୍ୟକ୍ତିଗତ ତଥା ଭର୍ଚୁଆଲ୍ ମାଧ୍ୟମରେ ଯୋଗଦେବେ । ଯୋଗ୍ୟ ଚାଷୀମାନଙ୍କୁ ଏହି ଯୋଜନା ଅଧୀନରେ ୩ଟି ସମାନ କିସ୍ତିରେ ବାର୍ଷିକ ୬ ହଜାର ଟଙ୍କା ପ୍ରଦାନ କରାଯାଇଥାଏ ବୋଲି ଶ୍ରୀ ଚୌହାନ କହିଛନ୍ତି । ସେ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ୩ ଲକ୍ଷ ୪୬ ହଜାର କୋଟି ଟଙ୍କା ଚାଷୀମାନଙ୍କୁ ପ୍ରଦାନ କରାଯାଇସାରିଛି। ପି.ଏମ୍. କିଷାନ ଯୋଜନା ଛୋଟ ଚାଷୀମାନଙ୍କ ଜୀବନଧାରଣ ମାନରେ ଏକ ବଡ଼ ପରିବର୍ତ୍ତନ ଆଣିପାରିଛି ବୋଲି କୃଷିମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି ।

## ଆଇ.ସି.ସି. ଚାମ୍ପିୟନ୍‌ସ ଟ୍ରଫି

ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ଆଜି ଗ୍ରୁପ୍-ବି'ରେ ଦକ୍ଷିଣ ଆଫ୍ରିକା ଓ ଆଫଗାନିସ୍ତାନ ମଧ୍ୟରେ ମୁକାବିଲା ଜାରି ରହିଛି । ପାକିସ୍ତାନର କରାଚିସ୍ଥିତ ନ୍ୟାସନାଲ୍ ଷ୍ଟାଡିୟମ୍‌ରେ ଚାଲିଥିବା ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ସମ୍ମୁଖରେ ୩୧୬ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି । ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭର୍‌ରେ ୬ ୱିକେଟ୍ ହରାଇ ଦକ୍ଷିଣ ଆଫ୍ରିକା ୩୧୫ ରନ୍ କରିଥିଲା । ଦଳ ପକ୍ଷରୁ ୱିକେଟ୍ ରକ୍ଷକ ରିଆନ୍ ରିକେଲ୍‌ଟନ୍ ୧୦୩ ରନ୍ କରିଛନ୍ତି । ସେହିଭଳି ଆଫଗାନିସ୍ତାନର ମହମ୍ମଦ ନବୀ ୨ଟି ୱିକେଟ୍ ନେଇଥିବାବେଳେ ଫାଜଲ୍‌ହକ୍ ଫାରୁକ୍, ଆଜ୍‌ମାତୁଲ୍ଲା ଓମାରଜାଇ ଏବଂ ନୁର୍

ମହମ୍ମଦ ଗୋଟିଏ ଲେଖାଏଁ ୱିକେଟ୍ ନେଇଛନ୍ତି । ସମ୍ବାଦ ପ୍ରସ୍ତୁତ ହେବା ସମୟରେ ଆଫଗାନିସ୍ତାନ ୭ ଓଭର୍‌ରେ ଏକ ୱିକେଟ୍ ହରାଇ ୨୮ ରନ୍ ସଂଗ୍ରହ କରିଛି ।

*****